# ‘ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ’

## ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ

ପୁରୀ,୨୬।୧୧(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ର ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଶୀର୍ଷକ ଦ୍ୱି-ଦିବସୀୟ ଜାତୀୟ ଆଲୋଚନାଚକ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ତତ୍ତ୍ୱାବଧାନରେ ପରିସର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇଥିଲେ। ଭିତ୍ତି ପ୍ରବକ୍ତା ଭାବେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ,



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ

ତିରୁପତିର ପ୍ରାକ୍ତନ କୁଳପତି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ସଂସ୍କୃତ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର କୁଳପତି ପ୍ରଫେସର ଜି.ଏସ୍.ଆର୍. କ୍ରିଷ୍ଣମୂର୍ତ୍ତି ମଞ୍ଚାସୀନ ଥିଲେ। ସ୍ୱତନ୍ତ୍ର ଅତିଥିଭାବେ ରାଜେନ୍ଦ୍ର ନାରାୟଣ କୃଷି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳାଧିପତି ତଥା ପ୍ରଖ୍ୟାତ ସଂସ୍କୃତ ବାଗ୍ମୀ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଆଙ୍ଗିକ ଓ ଆତ୍ମିକ ବିଭବ ଉପରେ ଆଲୋଚନା କରିଥିଲେ। ପରେ ବୈଷୟିକ ଅଧିବେଶନ ଆରମ୍ଭ ହୋଇଥିଲା। ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଆସିଥିବା ଅଧ୍ୟାପିକା ଅଧ୍ୟାପକ ଏବଂ ଗବେଷିକା ଗବେଷକମାନେ ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ପ୍ରଫେସର ବସନ୍ତ କୁମାର ମିଶ୍ର, ପ୍ରଫେସର ସୀମାଞ୍ଚଳ ପଣ୍ଡା, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ଡ. ନୃସିଂହନାଥ ଗୁରୁ, ପ୍ରଫେସର ହରିହର ପଣ୍ଡା, ପ୍ରଫେସର ସି. ଲଳିତାରାଣୀ, ଡ. ପାରମିତା ପଣ୍ଡା, ଡ. ନିରଞ୍ଜନ ମିଶ୍ର, ଡ. ଭାରତ ଭୂଷଣ ରଥ ପ୍ରମୁଖ ଯୋଗଦେଇ ଆଲୋଚନା ଚକ୍ର ଶୀର୍ଷକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡ. ରୁଦ୍ରପ୍ରସାଦ ମିଶ୍ର ଏବଂ ଡ. ସୁବ୍ରତ କୁମାର ଷଡ଼ଙ୍ଗୀ ବୈଷୟିକ ଅଧିବେଶନର ସଂଯୋଜକ ଥିଲେ। ପ୍ରଫେସର ସୁଶାନ୍ତ କୁମାର ରାଜ୍ ଏବଂ ଯୁଗ୍ମ ସଂଯୋଜକ ଅଧ୍ୟାପକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ୍ କଳ୍ପଶ୍ରୀ ଧନ୍ୟବାଦ ଦେଇଥିଲେ।